Date: 15.11.2026

SAMBAD
ସମ୍ବାଦ

ବିଆଇଆଇଟିଏମ୍‌ରେ ଅନ୍ତମହାବିଦ୍ୟାଳୟ ମହୋତ୍ସବ



ଚନ୍ଦ୍ରଶେଖରପୁର, ୧୪/୧୧ (ଇମିସ): ଅନ୍ତମହାବିଦ୍ୟାଳୟ ସାଂସ୍କୃତିକ ଓ ଶିକ୍ଷାଗତ ମହୋତ୍ସବ 'ଗ୍ରାଡ୍ ମିଟ୍ ୨.୦-ଜେନିଥ୍ ୨୦୨୬' ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ସ୍ଟଡିଜ୍ (ବିଆଇଆଇଟିଏମ୍)ରେ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ବିଆଇଆଇଟିଏମ୍ ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ ଯୋଗଦେଇ ଶ୍ରେଣୀଗୃହ ଶିକ୍ଷା ସହିତ ଏଭଳି ମଞ୍ଚ ଛାତ୍ରଛାତ୍ରୀଙ୍କ ସମଗ୍ର ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ। ଗ୍ରୁପ୍ ଡାଇରେକ୍ଟର (ଏକାଡେମିକ୍ସ ଆଣ୍ଡ ଷ୍ଟ୍ରାଟେଜି) ନନ୍ଦିତା ମିଶ୍ର ଛାତ୍ରଛାତ୍ରୀଙ୍କୁ ପରସ୍ପରଠାରୁ ଶିଖିବା ଓ ସେମାନଙ୍କ ପ୍ରତିଭାକୁ ପ୍ରୋତ୍ସାହନ ଦେବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଡିନ୍ (ଏକାଡେମିକ୍ସ) ଡ. ଚିନ୍ମୟ କୁମାର ଦାଶ ଏହାକୁ ବିଭିନ୍ନ ଶିକ୍ଷାନୁଷ୍ଠାନ ମଧ୍ୟରେ ଭାବ ବିନିମୟର ଏକ ମାଧ୍ୟମ ବୋଲି କହିଥିଲେ। ଉପଦେଷ୍ଟା ଡ. ପ୍ରତାପ କୁମାର ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ସକ୍ରିୟ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ମହୋତ୍ସବରେ 'ସ୍ୟାଡୋ ଆଣ୍ଡ ସେନ୍ସେସ୍', ଟ୍ରେଜର୍ ହଣ୍ଟ, ଯୁବ ସଂସଦ, ଟଗ୍ ଅଫ୍ ୱାର୍, କୁଇଜ୍, ଫେସ୍ ପେଣ୍ଟିଂ, ସୁର ତାଲ ଓ ଡ୍ୟାନ୍ସଭର୍ସ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରଫେସର କେ. ଚନ୍ଦ୍ରଶେଖର ଧନ୍ୟବାଦ ଅର୍ପଣ କରିଥିଲେ।

BHUBANESWAR Edition
Page No.13 November 15, 2026